**କୁକୁର କାମୁଡ଼ାରେ ୧୫ ଆହତ**

କାଶୀନଗର,(ଡି.ଏନ.ଏ.): କାଶୀନଗର ଏନ୍‌ଏସିରେ କୁକୁରମାନଙ୍କ କାମୁଡ଼ାରେ ୧୫ ଜଣ ବ୍ୟକ୍ତି ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। କୁକୁର ଉପଦ୍ରବ ଯୋଗୁ ରାସ୍ତାରେ ମହିଳା, ପିଲା ଓ ଲୋକେ ଚଳପ୍ରଚଳ ପାଇଁ ଭୟ କରୁଛନ୍ତି। କୁକୁର କାମୁଡ଼ା ଇଞ୍ଜେକଶନ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ନାହିଁ। ଫଳରେ ରୋଗୀ ହନ୍ତସନ୍ତ ହେଉଛନ୍ତି। କୁକୁରମାନଙ୍କୁ ଘୋଉଡ଼ାଇବା ଓ ଇଞ୍ଜେକଶନ ଯୋଗାଣ ନିମନ୍ତେ ଦାବି ହୋଇଛି।



## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ମାମଲା
### ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୧୦।୧୧: ପୋକ୍‌ସୋ କୋର୍ଟ-୨ ଜଜ୍ ଗୁରୁ ପ୍ରସାଦ ସାହୁ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରିଥିଲେ। ଉପଯୁକ୍ତ ପ୍ରମାଣ ଅଭାବରୁ ବିଚାରପତି ଅଭିଯୁକ୍ତ ଆକୁଳ ଛଟେଇଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ପ୍ରକାଶ ଯେ, ବଡଗଡ ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମର ଆକୁଳ ଛଟେଇ ଜଣେ ନାବାଳିକାଙ୍କୁ ପ୍ରେମ କରୁଥିଲେ। ସେ ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ଅପହରଣ କରି ରଖିଥିଲେ। ଆକୁଳ ସମ୍ପୃକ୍ତ ନାବାଳିକାଙ୍କୁ ସେଠାରେ ବଳାତ୍କାର କରିଥିଲେ। ପରେ ସେ ନାବାଳିକାଙ୍କୁ ପ୍ରତାରଣା କରିଥିବା ନେଇ ବଡଗଡ ଥାନାରେ ତାଙ୍କ ବାପା ୨୦୧୩ ଡିସେମ୍ବର ୨୩ରେ ଅଭିଯୋଗ କରିଥିଲେ। ମାମଲା ନମ୍ବର ୧୫୫/୧୩ରେ ଅଭିଯୁକ୍ତ ଆକୁଳଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନ ପାଇଥିଲେ। ଏହି ମାମଲାର ବିଚାର ବେଳେ ୧୮ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ଅଭାବରୁ ଜଜ୍ ଉପରୋକ୍ତ ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ନରେଶ ପ୍ରସାଦ ପାତ୍ର ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ମନୋଜ କୁମାର ପାତ୍ର ମକଦ୍ଦମା ପରିଚାଳନା କରିଥିଲେ।

### ବାଇକ୍ ଧକ୍କାରେ ବୃଦ୍ଧ ମୃତ

ଦିଗପହଣ୍ଡି,୧୦।୧୧(ଡି.ଏନ.ଏ.): ଦିଗପହଣ୍ଡି ଥାନା ଫାସିଗୁଡ଼ା ଗ୍ରାମ ବଡ ସାହିରେ ମଙ୍ଗଳବାର ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସେହି ଗ୍ରାମର ଉଲ୍ଲା ପ୍ରଧାନ (୮୨)। ଉଲ୍ଲା ନିଜ ଘର ସମ୍ମୁଖରେ ଛିଡ଼ା ହୋଇଥିବା ବେଳେ ଏକ ବାଇକ୍ (ଓଡି୦୭ ଏଏଚ ୬୧୦୯) ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ରାତି ପ୍ରାୟ ୮ଟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ବୁଧବାର ସ୍ଥାନୀୟ ଥାନାରେ ନଂ. ୨୯୦/୨୧ରେ ମାମଲା ରୁଜୁ କରାଯାଇଛି।

### ରାସ୍ତା ଉନ୍ନତୀକରଣ ଲାଗି ଭିତ୍ତିପ୍ରସ୍ତର

ବେଗୁନିଆପଡ଼ା/କବିସୂର୍ଯ୍ୟନଗର,୧୦।୧୧(ଡି.ଏନ୍.ଏ.)-ବେଗୁନିଆପଡ଼ା ବ୍ଲକ ଦିଗାପଡ଼ା ପଞ୍ଚାୟତର ଏସ ୩୦୦ଠାରୁ ଲାଠୁଲି, ରଘୁନାଥପୁର ଭାୟା ଦିଗାପଡା, ଫାଶୀ ରାସ୍ତାର ଉନ୍ନତୀକରଣ ପାଇଁ ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏଥି ସହିତ ଖଜାପଲ୍ଲୀଠାରୁ ବେଲଝରୀ ଭାୟା ଜାଗିଲିପଦର, ଯୋଗୀଆଗୁଳ, ଦିଗି ରାସ୍ତାର ଉନ୍ନତୀକରଣ ପାଇଁ ମଧ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଓ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଉପସ୍ଥିତ ରହି ଏହି ଦୁଇଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଉଭୟ ଦୁଇଟି ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା ଆନୁକୂଲ୍ୟରେ ଉନ୍ନତୀକରଣ କରାଯିବ। ଏହି ଅବସରରେ ବ୍ଲକ ଅଧକ୍ଷା ପ୍ରତିନିଧି ବିଜୟ କୁମାର ଦୋରା, ଜିଲା ପରିଷଦ ସଦସ୍ୟ ମନୋଜ କୁମାର ପାଣ୍ଡି, ସ୍ଥାନୀୟ ସରପଞ୍ଚ, ବହୁ ଲୋକ ଉପସ୍ଥିତ ଥିଲେ।

### ବେଆଇନ ମାଛ ଧରୁଥିବା ଟ୍ରଲର ଜବତ, ୮ ଅଟକ



ଗଞ୍ଜାମ,୧୦।୧୧ (ଡି.ଏନ.ଏ.): ଗଞ୍ଜାମ ଋଷିକୁଲ୍ୟା ଉପକୂଳ ସମୁଦ୍ରରେ ଅଲିଭ୍ ରିଡଲେଙ୍କ ମିଳନ ଋତୁ ଚାଲିଥିବା ବେଳେ କିଛି ନିର୍ଦ୍ଦିଷ୍ଟ ଅଞ୍ଚଳକୁ ମତ୍ସ୍ୟଜୀବୀମାନଙ୍କୁ ମାଛ ମାରିବା ମନା। କିନ୍ତୁ ଆନ୍ଧ୍ରପ୍ରଦେଶ ଏକ ଟ୍ରଲର ଦ୍ୱାରା ବେଆଇନ ମାଛ ମାରୁଥିବା ବେଳେ ବନ ବିଭାଗ ପକ୍ଷରୁ ଟ୍ରଲରକୁ ଜବତ କରିବା ସହ ୮ ମତ୍ସ୍ୟଜୀବିଙ୍କୁ ଅଟକ ରଖାଯାଇଛି। ସମୁଦ୍ରରେ ଅଲିଭ୍ ରିଡଲେଙ୍କ ମିଳନ ଋତୁ ଚାଲିଥିବା ବେଳେ କିଛି ନିର୍ଦ୍ଦିଷ୍ଟ ଅଞ୍ଚଳକୁ ନୋ ଫିସିଂ ଜୋନ ଭାବେ ଘୋଷଣା କରାଯାଇଛି। ଏହାକୁ ଅବମାନନା କଲେ ବନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଏ। ଅଲିଭ ରିଡଲେ ସାମୁଦ୍ରିକ କଇଁଚ ମିଳନ ଓ ଅଣ୍ଡାଦାନ ପ୍ରକ୍ରିୟା ଚଳିତ ମାସ ୧ ତାରିଖରୁ ମେ ୩୧ ପ୍ରର୍ଯ୍ୟନ୍ତ ସେମାନଙ୍କ ସୁରକ୍ଷା ଦୃଷ୍ଟିରୁ ମାଛଧରା ନିଷିଦ୍ଧାଞ୍ଚଳ ଘୋଷଣା ହୋଇଥାଏ। ଯେଉଁମାନେ ଏହାକୁ ଅବମାନନା କରିବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଏ ବୋଲି ଡିଏଫଓ ଅମ୍ଲାନ ନାୟକ ସୂଚନା ଦେଇଛନ୍ତି।

# ଅନ୍‌ଲାଇନ ପରୀକ୍ଷା ଦାବିରେ ବିକ୍ଷୋଭ

ବ୍ରହ୍ମପୁର ଅଫିସ,୧୦।୧୧

ଅନ୍‌ଲାଇନ୍ ପରୀକ୍ଷା ସହ ପରୀକ୍ଷା ଘୁଞ୍ଚାଇବା ଦାବିରେ ବୁଧବାର ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ଦ୍ୱିତୀୟ ଓ ଶେଷ ବର୍ଷ ଛାତ୍ରୀଛାତ୍ରମାନେ ମିଳିତ ଭାବେ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବୁଧବାର ପୂର୍ବାହ୍ନ ୧୧.୩୦ରୁ ୧୨ ପର୍ଯ୍ୟନ୍ତ ଯୁକ୍ତ ୩ ଦ୍ୱିତୀୟ ଓ ଶେଷ ବର୍ଷର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ ଫାଟକ ଉଭୟ ପଟୁ ତାଲା ବନ୍ଦ କରି ଧାରଣାରେ ବସିଥିଲେ। ଏହି ସମୟରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କୁଳପତି ପ୍ରଫେସର ପ୍ରଫୁଲ୍ଲ ମହାନ୍ତିଙ୍କ କାର୍ଯ୍ୟାଳୟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ସୂଚନାଯୋଗ୍ୟ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୂର୍ବରୁ ନଭେମ୍ବର ୧୩ରୁ ୧୬ ଯାଏ ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ୪ର୍ଥ ସେମିଷ୍ଟର ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ଦ୍ୱିତୀୟ ସେମିଷ୍ଟର ଇଣ୍ଟରନାଲ ପରୀକ୍ଷା ନିମନ୍ତେ ତାରିଖ ଧାର୍ଯ୍ୟ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ପରୀକ୍ଷା ଘୁଞ୍ଚାଇବା ସହ ଅନ୍‌ଲାଇନ ପରୀକ୍ଷା ଦାବିନେଇ ମଙ୍ଗଳବାର ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଭେଟି ଲିଖିତ ଭାବେ ଜଣାଇଥିଲେ। ଅଭିଯୋଗ ଅନୁଯାୟୀ, କରୋନା ଯୋଗୁ ସିଲାବସ୍ ଅନୁଯାୟୀ ଚଳିତ ଶିକ୍ଷାବର୍ଷର ପାଠ୍ୟକ୍ରମ ଶେଷ ହୋଇ ନ ଥିବା ନେଇ ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି।

ଯଦି ଅନ୍‌ଲାଇନ ପାଠପଢ଼ା ହୋଇଛି ତେବେ ପରୀକ୍ଷା ମଧ ଅନଲାଇନ କରାଯାଉ ବୋଲି ଛାତ୍ରୀଛାତ୍ର ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। କିନ୍ତୁ ମଙ୍ଗଳବାର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏନେଇ କୌଣସି ନିଷ୍ପତ୍ତି ନେଇ ନ ଥିବାରୁ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣା ସ୍ଥଳରେ ବ୍ରହ୍ମପୁର ଟାଉନ ଥାନା ଅଧିକାରୀ ସୁରେଶ ତ୍ରିପାଠୀ ପହଞ୍ଚିବା ପରେ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ଖୋଲାଯାଇଥିଲା। ପରେ ଛାତ୍ରୀଛାତ୍ର, ଥାନା ଅଧିକାରୀ ତ୍ରିପାଠୀ ଓ କୁଳପତି ପ୍ରଫେସର ମହାନ୍ତି ବିଭାଗୀୟ ଅଧିକାରୀ ଓ ପରୀକ୍ଷା ନିୟନ୍ତ୍ରକଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ର ଧାରଣାରୁ ହଟିଥିଲେ।

କୁଳପତି ପ୍ରଫେସର ପ୍ରଫୁଲ୍ଲ ମହାନ୍ତିଙ୍କ ସହ ଯୋଗାଯୋଗ ବେଳେ ଛାତ୍ରୀଛାତ୍ରଙ୍କ ଦାବିକୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବର୍ତ୍ତମାନ ପାଇଁ ପରୀକ୍ଷା ସ୍ଥଗିତ ରଖିଛନ୍ତି। ଯଥାଶୀଘ୍ର ଦ୍ୱିତୀୟ ଓ ଚତୁର୍ଥ ସେମିଷ୍ଟର ଇଣ୍ଟରନାଲ ପରୀକ୍ଷା ନିମନ୍ତେ ନୂତନ ନୋଟିସ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରକାଶ ପାଇବା ସହ ଅନ୍‌ଲାଇନ ପରୀକ୍ଷା ହେବ ବୋଲି ଜଣାଇଛନ୍ତି।

**ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ**



ଛାତ୍ରୀଛାତ୍ରଙ୍କ କୁଳପତି ଓ ଟାଉନ ଥାନା ଅଧିକାରୀଙ୍କ ମଧ୍ୟରେ କଥାବାର୍ତ୍ତା।



ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ ପ୍ରଦର୍ଶନ।

## ଆକ୍ରମଣ ମାମଲାରେ ଅଭିଯୁକ୍ତଙ୍କୁ ଜେଲ

ବ୍ରହ୍ମପୁର ଅଫିସ,୧୦।୧୧

ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ପରିବହନ)ସଞ୍ଜୟ କୁମାର ମିଶ୍ର ଏକ ଆକ୍ରମଣ ମାମଲାର ବିଚାର କରିଥିଲେ। ପ୍ରମାଣ ମିଳିଥିବାରୁ ଅଭିଯୁକ୍ତ ଯୋଗୀ ଦାସଙ୍କୁ ୬ମାସ ଜେଲଦଣ୍ଡରେ ସେ ଦଣ୍ଡିତ କରିଛନ୍ତି। ଘଟଣାରୁ ପ୍ରକାଶ, ୨୦୧୬ ଜାନୁୟାରୀ ୨ରେ କୁକୁଡ଼ାଖଣ୍ଡିରେ ଏକ ଭୋଜି ହେଉଥିଲା। ସେଠାରେ ମଙ୍ଗୁଲୁ ଦାସ ଭୋଜି ଖାଉଥିବା ବେଳେ ଯୋଗୀ ମଧ ସେଠାରେ ପହଞ୍ଚିଥିଲେ। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଯୋଗୀ ଏକ ପଥରରେ ମଙ୍ଗୁଲୁଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ଏନେଇ ଥାନାରେ ଅଭିଯୋଗ ପରେ ନମ୍ବର ୧୨୨/୧୬ ରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ସଦର ଥାନାର ତତ୍କାଳୀନ ଏଏସ୍‌ଆଇ ଆଦିତ୍ୟ କୁମାର ମହାରଣା କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ପରେ ଅଭିଯୁକ୍ତ ଜାମିନ ପାଇଥିଲେ। ପୋଲିସର ଚାର୍ଜଶିଟ ଓ ୭ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ମାଜିଷ୍ଟ୍ରେଟ ଉପରୋକ୍ତ ଦଣ୍ଡାଦେଶର ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ମନୋଜ ପାଢ଼ୀ ମକଦ୍ଦମା ପରିଚାଳନା କରିଥିଲେ।

## ଶିଶୁ ନାଟକ ଉତ୍ସବରେ ଭାଗନେବେ ଜିଲାର ୮ ନାଟ୍ୟ ଦଳ

ବ୍ରହ୍ମପୁର ଅଫିସ,୧୦।୧୧

ଓଡ଼ିଶା ନାଟକ ସମାରୋହ ସମିତି ସହଯୋଗରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ଆସନ୍ତା ୧୭ ଓ ୧୮ ତାରିଖରେ ସଂସ୍କୃତି ଭବନଠାରେ ରାଜ୍ୟସ୍ତରୀୟ ଶିଶୁ ନାଟକ ଉତ୍ସବ ଅନୁଷ୍ଠିତ ହେବ। ଏ ନେଇ ବୁଧବାର ଗଞ୍ଜାମ କଳା ପରିଷଦଠାରେ ଓଡ଼ିଶା ନାଟକ ସମାରୋହ ସମିତି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଉପସଭାପତି ମନ୍ମଥ ଶତପଥୀ, ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ, ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଆଲୋକ ବିଶୋୟୀ, ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ତଥା ଓଡ଼ିଶା ନାଟକ ସମାରୋହ ସମିତି ସଭାପତି ଅନିଲ କୁମାର ପାତ୍ର, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ରାଜୁ ପାଢୀ ଓ ଡ.ମିହିର କୁମାର ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଭଞ୍ଜନଗର, କୁକୁଡାଖଣ୍ଡି, ପୁରୁଷୋତ୍ତମପୁର, ପାତ୍ରପୁର ଓ ବ୍ରହ୍ମପୁରର ୮ଟି ନାଟ୍ୟଦଳ ଅଂଶଗ୍ରହଣ କରୁଥିବା ନେଇ ସଂଘ ପକ୍ଷରୁ ସୂଚନା ମିଳିଛି। ଏହି ୨ ଦିନିଆ ମହୋତ୍ସବକୁ ଶାଶ୍ୱତୀ, ଅନ୍ୱେଷା କଳାକେନ୍ଦ୍ର, କଳାକାର ଏକତା ମଞ୍ଚ, ଅନ୍ୟଦୃଷ୍ଟି, ଗଞ୍ଜାମ କଳା ପରିଷଦ ଓ ନାଟ୍ୟଶ୍ରୀ ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି। ଖବରଦାତା ସମ୍ମିଳନୀରେ ଓଡ଼ିଶା ନାଟ୍ୟ ସଂଘର ସହ ସଂଯୋଜକ ରାମଚନ୍ଦ୍ର ସାମଲ, ନାଟ୍ୟକାର ତ୍ରିପତି ନାୟକ, କିରଣବାଳା ମିଶ୍ର, ଉଷାରାଣୀ ମହାପାତ୍ର, ସରିତା ପଣ୍ଡା, ମଦନ ମିଶ୍ର ଓ କୈଳାସ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସଂଘ ସଦସ୍ୟ।

## ଗଜପତିରେ ନୂତନ ଫାମିଲି କୋର୍ଟ ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୧୦।୧୧(ଡି.ଏନ୍.ଏ.)

ଗଜପତି ଜିଲା ପାରଳାଖେମୁଣ୍ଡିଠାରେ ବୁଧବାର ନୂତନ ଫାମିଲି କୋର୍ଟର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହାକୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍ ମୁରଲୀଧର ସ୍ଥାନୀୟ କୋର୍ଟ ପରିସରରେ ଭିଡିଓ କନଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏହି କୋର୍ଟ ଆରମ୍ଭ ପରେ ସବୁ ସମସ୍ୟାର ସମାଧାନ ହେବ ବୋଲି ଜିଲା ଓକିଲ ସଂଘର ସଭାପତି ରାମନାଥ ମିଶ୍ର ଏବଂ ସମ୍ପାଦକ ଏମ୍ ପୃଥ୍ୱିରାଜ କହିଛନ୍ତି। ଅନ୍ୟପକ୍ଷରେ ସଂଘ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଓ ନିଶା କାରବାର ସମ୍ପର୍କିତ ମାମଲା ପାଇଁ ସ୍ୱତନ୍ତ୍ର କୋର୍ଟ କାର୍ଯ୍ୟକ୍ଷମ ଲାଗି ଦୀର୍ଘ ଦିନର ଦାବି ରହିଥିବା କହିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ଜିଲା ଫାମିଲି କୋର୍ଟ ଜଜ୍ ସୁବ୍ରତ ମହାନ୍ତି, ସତ୍ୟପ୍ରିତ ମିଶ୍ର ଜିଲା ଜଜ୍‌ଙ୍କ ସମେତ ସମସ୍ତ ଅଧିକାରୀ ଓ ଜିଲାପାଳ ଲିଙ୍ଗରାଜ ପଣ୍ଡା, ଏସ୍‌ପି ଜୟରାମ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



ଉପସ୍ଥିତ ବିଚାରପତି ଓ ଅନ୍ୟମାନେ।

## ଘାଟରୁ ବାଲି ଉଠାଇବା ଅଭିଯୋଗ

**ଜେସିବି ଜବତ, ଡ୍ରାଇଭର ଅଟକ**

ବୁଗୁଡ଼ା,୧୦।୧୧(ଡି.ଏନ.ଏ.)–ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ବିଷ୍ଣୁଚକ୍ର ବାଲି ଘାଟରୁ ବାଲି ଉଠାଇବା ଅଭିଯୋଗରେ ତହସିଲ ପ୍ରଶାସନ ଦ୍ୱାରା ବୁଧବାର ଏକ ଜେସିବିକୁ ଜବତ କରାଯାଇଛି। ଏହି ଘଟଣାରେ ଗାଡ଼ି ଡ୍ରାଇଭରକୁ ଅଟକ ରଖାଯାଇଥିବା ନେଇ ତହସିଲଦାର ସଂଗ୍ରାମ କେଶରୀ ଜେନା କହିଛନ୍ତି। ବୁଧବାର ଅପରାହ୍ନରେ ବିଷ୍ଣୁଚକ୍ର ବାଲି ଘାଟରୁ ଜେସିବି ଦ୍ୱାରା ବେଆଇନ ବାଲି ଉଠାଣକୁ ନେଇ ଗ୍ରାମବାସୀ ଓ ଡ୍ରାଇଭରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଖବର ପାଇ ବାଲିପଦର ଫାଣ୍ଡି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହି ଅବସରରେ ସ୍ଥାନୀୟ ତହସିଲଦାର ପହଞ୍ଚି ଲୋକଙ୍କ ଅଭିଯୋଗ କ୍ରମେ ଉକ୍ତ ଜେସିବିକୁ ଜବତ କରି ବାଲିପଦର ଫାଣ୍ଡିରେ ଜିମା ଦେଇଥିଲେ।

## ବିଦ୍ୟାଳୟର ନୂତନ କାର୍ଯ୍ୟକାରୀ କମିଟି ଗଠିତ

ରମ୍ଭା,୧୦।୧୧

ରମ୍ଭା ବ୍ରାହ୍ମଣ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଭାଗୃହ ପରିସରରେ ରାଜ୍ୟ ସରକାରଙ୍କ ନୀତିନିୟମ ପ୍ରକାରେ ସିଆରସିସି ଲୋକନାଥ ବେହେରାଙ୍କ ସଭାପତିତ୍ୱରେ ଏକ ନୂତନ କର୍ମକର୍ତ୍ତା ଚୟନ କମିଟି ଅନୁଷ୍ଠିତ ହୋଇଯାଇଛି। ଏଥିସହ ଆୟୋଜିତ କାର୍ଯ୍ୟକ୍ରମରେ କରୋନା କଟକଣାରେ ବହୁ ଅସୁବିଧା ଉପରେ ଆଲୋଚନା କରାଯାଇଥିଲା। ଉପରୋକ୍ତ ଶିକ୍ଷାନୁଷ୍ଠାନରେ ଅନୁରୂପ ଭାବେ ମଙ୍ଗଳବାର ୧୨ ଜଣିଆ ନୂତନ କର୍ମକର୍ତ୍ତା ଚୟନ କମିଟି କରାଯାଇଛି। ବୈଠକରେ ୧୨ ଜଣିଆ କମିଟିରେ ଶର୍ମିଷ୍ଠା ପ୍ରଧାନ (ସଭାପତି), ସନ୍ତୋଷ କୁମାର ବିଶ୍ୱାଳ (ଉପସଭାପତି) ଥିବା ବେଳେ ବନବାସୀ ସେଠୀ, ନରସିଂହ ସାହୁ, ସୁନୀଲ କୁମାର ପ୍ରଧାନ, ପ୍ରଫୁଲ୍ଲ କୁମାର ତରାଇ, ସଂଯୁକ୍ତା ତରାଇ, ଚୁନି ମିସ୍ତ୍ରୀ, ସସ୍ମିତା ସୁବୁଦ୍ଧି, ପ୍ରତିମା ସେଠୀ, ସଂଯୁକ୍ତା ସାହୁ ଓ ବିଦେଶୀ ଜାନୀ ପ୍ରମୁଖ ସଦସ୍ୟ ରହିଛନ୍ତି। ଶିବିରକୁ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ସବିତା ଯାନୀ, ଦମୟନ୍ତୀ ଦେବୀ, ମନୁ ଦେବୀ, ସସ୍ମିତା ଦାସ, ତ୍ରିନାଥ ବେହେରା, ନେତ୍ରାନନ୍ଦ ବେହେରା ପରିଚାଳନା କରିଥିଲେ।

## ପଞ୍ଚାୟତ କାର୍ଯ୍ୟାଳୟ ପାଲଟିଛି ଡମ୍ପିଂୟାର୍ଡ



ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜମା ହୋଇଥିବା ଅଳିଆ।

ଦାରିଙ୍ଗବାଡି,୧୦।୧୧(ଡି.ଏନ.ଏ)

କନ୍ଧମାଳ ଜିଲାର ଦୁର୍ଗମ ପଞ୍ଚାୟତ ଭାବେ ଜଣାଶୁଣା ବ୍ରାହ୍ମଣିଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କୁଢ କୁଢ ଅଳିଆ ଆବର୍ଜନାଭର୍ତ୍ତି ହୋଇଛି। ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟକୁ ଡମ୍ପିଂୟାର୍ଡ ଭାବେ ବ୍ୟବହାର କରାଯାଉଥିବି ସାଧାରଣରେ ଅଭିଯୋଗ ହୋଇଛି। ପଞ୍ଚାୟତକୁ ଆସୁଥିବା ଜନସାଧାରଣ ଅଳିଆ ଆବର୍ଜନା ଏବଂ ପୁତିମୟଗନ୍ଧରେ ହଟହଟା ହେଉଛନ୍ତି। ମାର୍କେଟର ସମସ୍ତ ପଲିଥିନ, ଖାଲି ପ୍ଲାଷ୍ଟିକ ବୋତଲ ସହ ଅଇଠା ଖଳିପତ୍ର ଆଦି ଉକ୍ତ କାର୍ଯ୍ୟାଳୟ ପରିସର ମଧ୍ୟରେ ପକାଯାଉଥିବାରୁ ଏବେ ପରିସରର ଚାରିଆଡେ ଆବର୍ଜନାମୟ ହୋଇଛି। ଏହାକୁ ନେଇ ସରପଞ୍ଚ ରମେଶ ମାଝୀ କହିଛନ୍ତି ଯେ, ଗତ ମାସରେ ସଫେଇ କରାଯାଇଥିଲା ହେଲେ ବଜାର ମଧ୍ୟରେ ଥିବା ଦୋକାନି ପୁଣି ଏଭଳି ଅଳିଆ ଆଣି ପଞ୍ଚାୟତ ପରିସର ମଧ୍ୟରେ ପକାଉଥିବା ସେ କହିଛନ୍ତି।

## କନ୍ଧମାଳ ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ

ବାଲିଗୁଡ଼ା,୧୦।୧୧(ଡି.ଏନ.ଏ.)

ବାଲିଗୁଡ଼ା ଉପଖଣ୍ଡ ପ୍ରାଣୀ ଚିକିତ୍ସାଳୟ ପରିସରରେ ୭୦ ତମ ଜିଲା ସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ଆକାଂକ୍ଷା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର ଯୋଗଦେଇ ପ୍ରାଣୀମାନଙ୍କ ସୁରକ୍ଷା ଓ ଚାଷ ବିଷୟରେ ଚାଷୀଙ୍କ ସହ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ଭାବେ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଜଳଛାୟା ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ଡଃ.ଜୀବନ କୃଷ୍ଣ ସାହୁ ଜିଲା ମୁଖ୍ୟ ପ୍ରତୀକ ଚିକିତ୍ସା ଅଧିକାରୀ ଏହି ସଭାରେ ସଭାପତିତ୍ୱ କରିଥିଲେ। ଜିଲାର ବିଭିନ୍ନ ବ୍ଲକରୁ ବହୁ ସଂଖ୍ୟକ ଚାଷୀ ଏହି ଉତ୍ସବରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସକାଳୁ ଗୋ ପୂଜନ, ଗୋ ଚିକିତ୍ସା, ଗୋ ପ୍ରଦର୍ଶନୀ ଏବଂ ଚାଷୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ପଞ୍ଚାୟତ ସମିତି ସାଧାରଣ ସଭା

ଖଜୁରିପଡ଼ା,୧୦।୧୧(ଡି.ଏନ.ଏ.)

ଖଜୁରିପଡ଼ା ବ୍ଲକ ପଞ୍ଚାୟତ ସମିତି ସଭାଗୃହଠାରେ ସାଧାରଣ ସଭା ଅଧକ୍ଷ ବୀରେନ୍ଦ୍ର କୁମାର କହଁରଙ୍କ ଅଧକ୍ଷତାରେ ଓ ବିଡିଓ ରବୀନ୍ଦ୍ରନାଥ କହଁରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଉଛି। ବୈଠକରେ କନ୍ଧମାଳ ଏମ୍‌ପି ତଥା କିସ୍, କୀଟର ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଓ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧକ୍ଷା ସୌଦାମିନି କହଁର, ୪ନଂ ଜିଲା ପରିଷଦ ଜୋନର ସଭ୍ୟା କୁଳିଲତା ଲେଙ୍କା, ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକରିଣୀ ଗୀତାଞ୍ଜଳି ପଣ୍ଡା, ସହକାରୀ ଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୋନମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ସରକାରୀ ଯୋଜନା ଯଥା ବିଜୁ କଲ୍ୟାଣ ସ୍ୱାସ୍ଥ୍ୟ ଯୋଜନା, ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ଅଙ୍ଗନୱାଡି ଗୃହ ନିର୍ମାଣ, ପଞ୍ଚାୟତ ସମିତିରେ ଥିବା ରାସ୍ତା ଗୁଡ଼ିକ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ, ୫-ଟି ଯୋଜନା ଦ୍ୱାରା ପରିଚାଳିତ ବ୍ଲକ ଭିତରେ ୬ ସ୍ମାର୍ଟ ହାଇସ୍କୁଲ ଗୁରୁବାର ଉଦଘାଟନ ଓ ସମସ୍ତ ବିଷୟ ବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ସଭାରେ ୧୪ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## ପେଟ୍ରୋଲ ପମ୍ପରେ ମାପ କମ୍‌କୁ ନେଇ ଉତ୍ତେଜନା

ହିଞ୍ଜିଳିକାଟୁ,୧୦।୧୧(ଡି.ଏନ୍.ଏ)

ହିଞ୍ଜିଳିକାଟୁ ନିକଟ ସାରୁଠାରେ ଥିବା ଏକ ପେଟ୍ରୋଲ ପମ୍ପରେ ମଙ୍ଗଳବାର ମାପ କମକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ପେଟ୍ରୋଲ ମାଲିକ ଓ ଗ୍ରାହକଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାର ଭିଡିଓ ସାମାଜିକ ଗଣ ମାଧ୍ୟମରେ ପ୍ରସାରିତ ହେବା ପରେ ବହୁ ଲୋକ ଦୀର୍ଘ ଦିନ ଧରି ପେଟ୍ରୋଲ ପମ୍ପ ଦ୍ୱାରା ଠକାମୀର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ମଙ୍ଗଳବାର ହିଞ୍ଜିଳି ଥାନାରେ ୨ଟି ମାମଲା ରୁଜୁ ହୋଇଛି। ସାରୁ ଗ୍ରାମର ୨ଭାଇ



ପେଟ୍ରୋଲ ମାପ କରାଯାଉଛି।

**ଥାନାରେ ୨ମାମଲା ରୁଜୁ**

ରୁନା ସ୍ୱାଇଁ ଓ କୁନା ସାରୁ ଛକରେ ଥିବା ତରାତାରିଣୀ ପେଟ୍ରୋଲ ପମ୍ପକୁ ପେଟ୍ରୋଲ ପକାଇବା ପାଇଁ ଆସିଥିଲେ। ଏକ ଲିଟର ତେଲକୁ ମାପ ବେଳେ ୫୦ମିଗ୍ରା କମ ଥିବା ସେମାନେ ଅଭିଯୋଗ କରିଥିଲେ। ତେଲ କମ ନେଇ ପେଟ୍ରୋଲ ପମ୍ପ କର୍ମଚାରୀ ସହ ମାଲିକ ସୁମିତ ପାଣିଗ୍ରାହୀ ସେମାନଙ୍କୁ ଆକ୍ରମଣ କରିବା ସହ ମାରଣାତ୍ମକ ଧମକ ଦେଇଥିବା ନେଇ ରୁନା ଓ କୁନାଙ୍କ ବାପା ଉଦୟନାଥ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୬୦୩/୨୧ରେ ମାମଲା ରୁଜୁ କରିଛି। ଅନ୍ୟ ପକ୍ଷରେ ପେଟ୍ରୋଲ ପମ୍ପ ମାଲିକ ସୁମିତ ପାଣିଗ୍ରାହୀ ଥାନାରେ ଅଭିଯୋଗ କରିଛନ୍ତି ଯେ, ରୁନା, କୁନାଙ୍କ ସହ ପ୍ରାୟ ୧୦ରୁ ୧୫ଜଣ ନୂଆଁ ସାରୁ ଗ୍ରାମର ଆସି ତାଙ୍କର ସୁନା ଚେନ ଓ ୪ ହଜାର ଟଙ୍କା ଛଡ଼ାଇ ନେଇ ଯାଇଛନ୍ତି। ଏ ନେଇ ଥାନାରେ ନଂ. ୬୦୨/୨୧ରେ ମାମଲା ରୁଜୁ ହୋଇଛି। ଅନ୍ୟ ପକ୍ଷରେ ଗତ ୨ଦିନ ଧରି ପେଟ୍ରୋଲ ପମ୍ପରେ କମ ମାପର ତେଲକୁ ନେଇ ଭିଡିଓ ଭାଇରାଲ ପରେ ଅଞ୍ଚଳର ସମସ୍ତ ପେଟ୍ରୋଲ ପମ୍ପରେ ମାପର ବୈଧତାକୁ ନେଇ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି।

**Government of Odisha** No. B-584
**"e" Procurement Notice**
GOVT. OF ODISHA
**Bid Identification No. PWDK-12/2021-22**
e-mail: eepwdkeonjhar@yahoo.com
No. G2/7381 Dt.06.11.2021

| | | |
|---|---|---|
| 1. | No. of the Work | : 07 Nos. Building Works |
| 2. | Estimated Cost | : From Rs.41.41 to Rs.42.97 lakhs |
| 3. | Period of Completion | : 6 (Six) Calendar Months |
| 4. | Date and time of availability of Bid document in the portal | : From 10.00 hr. 15.11.2021 to 17.00 hr. of 24.11.2021 |
| 5. | Last date/time for receipt of bids in the portal | : 17.00 hr. of 24.11.2021 |
| 6. | Date of Opening of Bid from Portal | : 11.30 hrs. of 25.11.2021 |
| 7. | Name and address of the Officer Inviting Bid | : Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "http://tendersodisha.gov.in".

Sd./- S.K. Behera
Superintending Engineer
Keonjhar (R&B) Division
OIPR-34004/11/0007/2122

